## ଫଟୋରେ ଫଟୋରେ କେନ୍ଦ୍ରର କାର୍ଯ୍ୟକ୍ରମ


ଆକୋଲା ଓ ଜିଆଖତ ପ୍ରସ୍ତୁତି କୁଣ୍ଡ


ଚାଷି କ୍ଷେତରେ ବୈଜ୍ଞାନିକଗଣ


ରାଜ୍ୟ ସ୍ତରୀୟ ପଦର୍ଶନୀରେ କୃଷି ବିଜ୍ଞାନ କେନ୍ଦ୍ର


ବୈଜ୍ଞାନିକଙ୍କ ଦ୍ୱାରା ତାଲିମ ଶିବିର


କେନ୍ଦ୍ରର ପାକଶାଳା ବଗିଚା


ପଶୁ ଚିକିତ୍ସା ଶିବିର


ବୈଜ୍ଞାନିକଙ୍କ ପି.ଆର.ଏ ସର୍ଭେ


କାର୍ଯ୍ୟକ୍ରମ ସଂଯୋଜକଙ୍କ ଝୁଡଙ୍ଗ ଚାଷ ପରିଦର୍ଶନ


ଶ୍ରୀ ପଦ୍ଧତିରେ ଧାନ ଚାଷ


ରଙ୍ଗିନ୍ ଓ ମାଗୁର ମାଛର ପଦର୍ଶନ କ୍ଷେତ୍ର


କେନ୍ଦ୍ର ପରିସରରେ ପିଜୁଳି ବଗିଚା


କେନ୍ଦ୍ର ଆମ୍ବ ବଗିଚାରେ ବୁନ୍ଦା ଜଳସେଚନ

**ବିଭିନ୍ନ ଚାଷ ସମ୍ପର୍କିତ ଉନ୍ନତ ଜ୍ଞାନକୌଶଳ ପାଇଁ କେନ୍ଦ୍ରରେ ଅଛନ୍ତି.......**

- ଡ଼ଃ ଗଙ୍ଗାଧର ନାୟକ, ପଶୁ ବିଶେଷଜ୍ଞ – ୯୪୩୭୫୨୯୩୫୧
- ଶ୍ରୀ ଦେବାଶିଷ ଷଡ଼ଙ୍ଗୀ, ମୃତ୍ତିକା ବିଶେଷଜ୍ଞ – ୯୪୩୭୮୬୪୯୭୬
- ଶ୍ରୀ ସୁତନୁ କୁମାର ଶତପଥି, ଉଦ୍ୟାନ ବିଶେଷଜ୍ଞ – ୯୪୩୭୬୧୯୩୧୦
- ଶ୍ରୀ ଦେବେନ୍ଦ୍ର କୁମାର ଦେବତା, ଫସଲ ସଂରକ୍ଷଣ – ୯୪୩୭୪୪୧୩୪୯
- ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାସ, ମତ୍ସ୍ୟ ବିଶେଷଜ୍ଞ – ୯୪୩୭୨୬୫୫୬୫
- ଶ୍ରୀ ସଂଗ୍ରାମ ପରମଗୁରୁ, କୃଷି ସଂପ୍ରସାରଣ – ୯୪୩୭୪୯୨୭୬୯
- ଡ଼ଃ (ଶ୍ରୀମତୀ) ଗୀତାଞ୍ଜଳୀ ସୁବୁଦ୍ଧି, ଗୃହ ବିଜ୍ଞାନ – ୯୪୩୭୭୯୯୮୦୧

**ମୁଖ୍ୟ ସଂପାଦକ**
ଡ଼ଃ ଗଙ୍ଗାଧର ନାୟକ, କାର୍ଯ୍ୟକ୍ରମ ସଂଯୋଜକ
**ସଂପାଦକ ମଣ୍ଡଳୀ**
ଶ୍ରୀ ଶିତିକଣ୍ଠ ମିଶ୍ର, କାର୍ଯ୍ୟକ୍ରମ ସହାୟକ
ଶ୍ରୀ ଦେବାଶିଷ ଷଡ଼ଙ୍ଗୀ, ବିଷୟ ବସ୍ତୁ ବିଶେଷଜ୍ଞ
ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାସ, ବିଷୟ ବସ୍ତୁ ବିଶେଷଜ୍ଞ



# ଋଷିକୁଲ୍ୟା

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର)

ସଂଖ୍ୟା-୨ | ଦ୍ୱିତୀୟ ବର୍ଷ | ଜୁଲାଇ ୨୦୦୯ ରୁ ମାର୍ଚ୍ଚ ୨୦୧୦









## ସଂପ୍ରସାରଣ ଅଧ୍ୟକ୍ଷଙ୍କ ବାର୍ତ୍ତା



ଗଞ୍ଜାମ ଜିଲ୍ଲାର କୃଷିଜୀବି ଭାଇ ଓ ଭଉଣୀ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ତଥା କୃଷି କୌଶଳର ସନ୍ଦେଶ ପହଞ୍ଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସର୍ବଦା ଚେଷ୍ଟିତ । ତେଣୁ ଷଣ୍ମାଷିକ ପତ୍ରିକା "ଋଷିକୁଲ୍ୟା" ର ଦ୍ୱିତୀୟ ପ୍ରକାଶନରେ ମୁଁ ବିଶେଷ ଆନନ୍ଦିତ । ଏଠାରେ ଧାନ, ଚିନାବାଦାମ, ମୁଗ, ବିରି ବହୁଳ ଭାବରେ ଚାଷ କରାଯାଏ । ଆଶା କରୁଛି "ଋଷିକୁଲ୍ୟା" ମାଧ୍ୟମରେ ଗଞ୍ଜାମ ଜିଲ୍ଲାର କୃଷି ଓ ଆନୁଷଙ୍ଗିକ କୃଷି ସମ୍ବନ୍ଧୀୟ ବିବିଧ ଜ୍ଞାନ କୌଶଳକୁ ଉପଯୋଗ କରି ଚାଷୀଭାଇମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ।

ଅଧ୍ୟକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ସଂପାଦକୀୟଙ୍କ କଲମରୁ.....



କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ ଭଂଜନଗରରୁ ପ୍ରକାଶିତ ସମାଚାର ପତ୍ରିକା "ଋଷିକୁଲ୍ୟା" କୃଷି ଓ ଆନୁସଂଗିକ ତଥ୍ୟ ସମ୍ବନ୍ଧୀୟ ବିବିଧ ଜ୍ଞାନକୌଶଳ ଚାଷୀମାନଙ୍କୁ ଅବଗତ କରାଇବାରେ ସହାୟକ ହେବ । ଏହା ବିଭିନ୍ନ ବର୍ଗର ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ନୂତନ ତଥା ଉନ୍ନତ ଜ୍ଞାନ କୌଶଳ ଯୋଗାଇଦେବ ବୋଲି ମୋର ଆଶା । ଏହି ସମାଚାର ପତ୍ରିକାକୁ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରିଥିବା ସମସ୍ତ କର୍ମଚାରୀ ବୃନ୍ଦଙ୍କୁ ମୋର ଆନ୍ତରିକ ଧନ୍ୟବାଦ ।

ଗଙ୍ଗାଧର ନାୟକ

କାର୍ଯ୍ୟକ୍ରମ ସଂଯୋଜକ
କୃଷି ବିଜ୍ଞାନ କେନ୍ଦ୍ର, ଗଂଞ୍ଜାମ, ଭଞ୍ଜନଗର









## ୧୬ତମ ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ବୈଠକ:

୧୬ତମ ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ବୈଠକ ଗତ ଜୁନ୍ ମାସ ୩୦ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ସଂପ୍ରସାରଣ ଅଧ୍ୟକ୍ଷ ଡଃ ଶଙ୍କର୍ଷଣ ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶା ବନ ଉନ୍ନୟନ ସଂସ୍ଥାର ସାଧାରଣ ପରିଚାଳକ ଶ୍ରୀ ଏ.କେ ପାଠକ, ଉଦ୍ୟାନ ଉପନିର୍ଦ୍ଦେଶକ, ଏ.ଜି.ଏମ୍ ନାବାର୍ଡ, ଜିଲ୍ଲା କୃଷି ଅଧିକାରୀ, ଆସିକା, ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା, ଏବଂ ଆଗୁଆ ଚାଷୀଭାଇମାନେ କେନ୍ଦ୍ରର ସମସ୍ତ କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ସହ ଆଗାମୀ ବର୍ଷର ବାର୍ଷିକ କାର୍ଯ୍ୟ ଖସଡା ଉପରେ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।



## ମୃତ୍ତିକା ପରୀକ୍ଷା

କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗରର ମୃତ୍ତିକା ଓ ଜଳ ପରୀକ୍ଷାଗାରରେ ୨୦୦୯-୧୦ରେ ମୋଟ ୪୨୩ଟି ନମୁନା ପରୀକ୍ଷା କରାଯାଇଛି । ୧୭୦ ଜଣ ଚାଷୀଙ୍କ ନମୂନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିଆଯାଇଛି । ପରୀକ୍ଷା କରାଯାଇଥିବା ନମୁନା ମଧ୍ୟରୁ ଶତକଡା ୬୫ ଭାଗ ମୃତ୍ତିକା ଅମ୍ଳ ଶତକଡା ୨୭ ଭାଗ ନିରପେକ୍ଷ ଓ ଶତକଡା ୮ ଭାଗ କ୍ଷାରୀ ଶ୍ରେଣୀର ।



## ମାଛ ଚାଷରେ ସମ୍ପୁରକ ଖାଦ୍ୟ ପରିଚାଳନା

ଗଞ୍ଜାମ ଜିଲ୍ଲାରେ ମୋଟ ଜଳରାଶିର ମାତ୍ର ୬୦ ଭାଗ ମାଛ ଓ ଆନୁଷଙ୍ଗିକ ମାଛ ଚାଷ ପାଇଁ ବ୍ୟବହୃତ ହେଉଛି ମାତ୍ର ଉପଯୁକ୍ତ ଜ୍ଞାନ କୌଶଳର ଅଭାବ ଏବଂ ପାରମ୍ପରିକରୀତିରେ ମାଛ ଚାଷ କରାଯାଉଥିବାରୁ ମାଛ ଉତ୍ପାଦନ ଆଶାନୁରୂପକ ହେଉନାହିଁ । ତେଣୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ମାଛ ଚାଷରେ ସମ୍ପୁରକ ଖାଦ୍ୟ ପରିଚାଳନା ବିଷୟରେ ଏକ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଚାଷୀମାନଙ୍କୁ ବାଦାମ ପିଡିଆ, ତୈଳ ରହିତ କୁଣ୍ଡା ଏବଂ ଅଣୁସାର ଯୋଗାଇଦେବା ସହିତ, ଖାଦ୍ୟ ପ୍ରସ୍ତୁତ ଏବଂ ଖାଦ୍ୟ ପରିଚାଳନା ବିଷୟରେ ତାଲିମ ଦିଆଯାଇଛି ଏବଂ ନମୂନା ପରୀକ୍ଷଣରେ ମାଛ ମାନଙ୍କର ଅଭିବୃଦ୍ଧି ୬୦୦ ରୁ ୮୦୦ ଗ୍ରାମ୍ ହୋଇଥିବାରୁ ଚାଷୀ ମାନେ ଏକ ଭଲ ଆମଦାନୀ ପାଇବେ ବୋଲି ଉତ୍ସାହିତ ଅଛନ୍ତି ।



## ସପ୍ତଫେଣୀ ମହୁମାଛି ପାଳନ

ମହୁମାଛି ପାଇଁ ଆମ ଜଳବାୟୁ ବେଶ୍ ଉପଯୁକ୍ତ । ୨୦୧୦ ମସିହାରେ ମକରଝୋଳ, ଖୁଣ୍ଟକଟା ଓ ଗାମୁଣ୍ଡି ଗ୍ରାମରେ ଆଗୁଆଧାଡି କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଜରିଆରେ କିଛି ଚାଷୀଙ୍କୁ ମହୁମାଛି ଦଳ ଯୋଗାଇ ଦିଆଯାଇଥିଲା । ଗ୍ରାମ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ମଧ୍ୟ ଏ ବିଷୟରେ ତାଲିମ ଦିଆଯାଇଥିଲା ।



## ଟ୍ରାଇକୋକାର୍ଡ, ସଂଘ ଆକର୍ଷକ ଯନ୍ତ୍ର ଦ୍ୱାରା ବାଇଗଣର କାଣ୍ଡବିନ୍ଧା ପୋକ ଦମନ

ଗଞ୍ଜାମ ଜିଲ୍ଲାର ସବୁଠାରୁ ଅନୁନ୍ନତ ଗ୍ରାମ ରାଇଗୋଛାରେ କୃଷକ କ୍ଷେତ୍ର ପରୀକ୍ଷଣ ମାଧ୍ୟମରେ ବାଇଗଣର କାଣ୍ଡବିନ୍ଧା ପୋକର ସମନ୍ୱିତ କୀଟ ପରିଚାଳନା କରାଯାଇଥିଲା । ଫୁଲ ଆସିବା ସମୟରେ ପ୍ରଥମେ ନିମଜାତୀୟ ଔଷଧ ପ୍ରୟୋଗ କରାଯାଇଥିଲା । ତାପର ଅବସ୍ଥାରେ ସଂଘଆକର୍ଷକ ଯନ୍ତା ଏକର ପ୍ରତି ୧୦ ଟି ଦିଆଯାଇଥିଲା । ପରବର୍ତ୍ତୀ ଅବସ୍ଥାରେ ଟ୍ରାଇକୋଗାମା ଚିଲୋନି ପୋକ ୧୦ ଦିନ ଅନ୍ତରରେ କ୍ଷେତରେ ଛଡାଯାଇଥିଲା । ଦେଖାଯାଇଛି ପୋକର ଦମନ ଶତକଡା ୧୫ଭାଗରୁ ୪.୫ଭାଗକୁ କମିଯାଇଥିଲା । ଚାଷୀ ପାଖାପାଖି ୨୫୦କ୍ୱିଣ୍ଟାଲ ହେକ୍ଟର ପ୍ରତି ଅମଳ ପାଇଥିଲେ ।



## ଶୀତଦିନରେ ପାଳଛତୁ ଚାଷ

ଶୀତ ଦିନରେ ଖରାଦିନିଆ ପାଳଛତୁ ର ଚାହିଦା ପୂରଣ କରିବା ପାଇଁ ଆମ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୨୦୦ ମାଇକ୍ରନ ୟୁ.ଭି ଷ୍ଟାବିଲାଇଜଡ୍ ପଲିଥିନ୍ ଦ୍ୱାରା ସଂପୂର୍ଣ୍ଣ ଆବୃତ କୋଠରୀ ମଧ୍ୟରେ ପାଳଛତୁ ଚାଷ କରାଯାଇଛି । ଆର୍ଦ୍ରତା ନିୟନ୍ତ୍ରଣ କରିବା ପାଇଁ ୨ଇଞ୍ଚ ବହଳର ଓଦା ନଈ ବାଲିର ଏକ ଆସ୍ତରଣ ନିମ୍ନଭାଗରେ ଦିଆଯାଇଛି । ପଲିହାଉସ ମଧ୍ୟରେ ବେଡ ପିଛା ହାରାହାରି ଉତ୍ପାଦନ ୧.୧କି.ଗ୍ରା ହୋଇପାରିଛି ।












## ତୈଳବୀଜ ଓ ଡାଲିଫସଲରେ ଆଗୁଆଧାଡି ପ୍ରଦର୍ଶନ

କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଶୀତଦିନେ ତାଳଶାକର ଗ୍ରାମରେ ଜେ.ଏ.ଏଲ୍ ୪୨ ଚିନାବାଦାମ କିସମ ୧୫ଜଣ ଚାଷୀଙ୍କୁ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନରେ ଦିଆଯାଇଥଲା । ମାଟି ପରୀକ୍ଷା ଅନୁଯାଇ ଅନୁମୋଦିତ ସାର ଓ କୋଡାଖୋସା ସମୟରେ ଜିପ୍‌ସମ ପ୍ରୟୋଗ କରାଯାଇଥିଲା । ଚାଷୀମାନେ ବୈଜ୍ଞାନିକଙ୍କ ପରାମର୍ଶରେ ଅନୁସାରେ ଔଷଧ ଓ ଜଳ ପରିଚାଳନା ଠିକ୍ ସମୟରେ କରିଥିଲେ ଏବଂ ହେକ୍ଟର ପ୍ରତି ଆଦାୟ ୨୨.୩ କ୍ୱିଣ୍ଟାଲ ହୋଇଥିଲା ।



ଚନ୍ଦ୍ରଶେଖର ଆଜାଦ ବିଶ୍ୱବିଦ୍ୟାଳୟରୁ ବାହାରିଥିବା ବିରି କିସମ ଶେଖର-୨ ଖୁଣ୍ଟକଟା ଗ୍ରାମରେ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନରେ ଦିଆଯାଇଥିଲା, ସେମାନଙ୍କୁ ମାଟି ପରୀକ୍ଷାନୁସାରେ ଅନୁମୋଦିତ ସାର, ଜୀବାଣୁ ସାର ଓ ଠିକ୍ ସମୟରେ ପୋକମରା ଔଷଧର ପ୍ରୟୋଗ ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିଲା । ସର୍ବାଧିକ ଆଦାୟ ଶୀତଦିନେ ୭.୫ କ୍ୱିଣ୍ଟାଲ ହେକ୍ଟର ପ୍ରତି ଅମଳ ହୋଇଥିଲା ।



## ପାଣିପଞ୍ଚାୟତ କର୍ମକର୍ତ୍ତାଙ୍କ ନିମନ୍ତେ ପ୍ରଶିକ୍ଷଣ :

ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ, କଟକ ଓ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମର ମିଳିତ ଆନୁକୂଲ୍ୟରେ "ଜଳସେଚନର ପରିଚାଳନା" ବିଷୟରେ ବିଭିନ୍ନ ପାଣି ପଞ୍ଚାୟତର କର୍ମକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲାର ଜଳସେଚନ ପ୍ରକଳ୍ପର ଅନ୍ତର୍ଭୁକ୍ତ ବିଭିନ୍ନ ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ଯୋଗଦାନ କରି ଜଳର ସୁଷମ ଓ ନିର୍ଭରଯୋଗ୍ୟ ଯୋଗାଣ ଓ ବଣ୍ଟନ ନିମନ୍ତେ ଜଳସେଚନ ବ୍ୟବସ୍ଥାର ପରିଚାଳନା ବିଷୟରେ ପ୍ରଶିକ୍ଷଣ ନେଇଥିଲେ ।



## ବୈଷୟିକ ଜ୍ଞାନ କୌଶଳ ସପ୍ତାହ ପାଳିତ

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଅକ୍ଟୋବର ମାସ ୨୩ ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯାଇଥିଲା । ଏଥି ଉପଲକ୍ଷେ ସେମିନାର, ରୋଡ ସୋ, ସାଧାରଣ ସଭା ଓ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଇତ୍ୟାଦି ଅନୁଷ୍ଠିତ ହୋଇ ଉନ୍ନତ ବୈଷୟିକ ଜ୍ଞାନକୌଶଳର ଉପଯକ୍ତ ବିନିଯୋଗ ମାନବ କଲ୍ୟାଣ ପାଇଁ ବୁଝା ଯାଇଥିଲା ।



## କୃଷକ ମେଳା

ମାର୍ଚ୍ଚ ୨୯ ତାରିଖରେ ଜଗନ୍ନାଥପ୍ରସାଦବ୍ଲକର ପଞ୍ଚଭୂତି ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ ତରଫରୁ ଏକ କୃଷକ ମେଳା ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ଆସ୍କା ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ପରିଚାଳକ, ସ୍ଥାନୀୟ ସରପଞ୍ଚ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜକ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାବଳୀ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହା ବ୍ୟତୀତ ବୈଜ୍ଞାନିକ ମାନେ ପନିପରିବା ଚାଷ, ମାଛ ଚାଷ, ଛତୁ ଚାଷ, ଶସ୍ୟ ସଂରକ୍ଷଣ, ଜିଆ ଖତ ପ୍ରସ୍ତୁତିର ନୂତନ ଜ୍ଞାନକୌଶଳ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ ।



## କୃଷକ କ୍ଲବ ଗଠନ ଓ ପରିଚାଳନା

ଚଳିତ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଲୁଣିପଡା, ଖୁଣ୍ଟକଟା, ଧୁମଛାଇ, ଭାଲିଆଖାଇ, ଚୋପରା ଇତ୍ୟାଦି ଗ୍ରାମରେ କୃଷକ କ୍ଲବ ଗଠନ କରାଯାଇ ନାବାର୍ଡ ସହ ଅନୁବନ୍ଧିତ କରାଯାଇଛି । ଉନ୍ନତ ମାନର ଜ୍ଞାନକୌଶଳ ହାସଲ କରିବା, ଆଗାମି ଫସଲ ଖସଡା ପ୍ରସ୍ତୁତି କରିବା ଓ ସଂଘବଦ୍ଧଭାବେ କୃଷିର ସର୍ବାଙ୍ଗୀନ ଉନ୍ନତି କରିବା ଏହି ସଂଗଠନର ମୂଳ ଲକ୍ଷ୍ୟ ।






